୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ



# କାରିଗର ଓ ବୁଣାକାରଙ୍କ ଏକତା ହିଁ ସେମାନଙ୍କ ବିକାଶର ଚାବିକାଠି

ଭୁବନେଶ୍ୱର, (ପି.ଏନ): ଆମ ରାଜ୍ୟର ଶିଳ୍ପୀ ଓ ବୁଣାକାର ଆମ ଓଡିଶା ଅସ୍ମିତାର ପରିଚୟ । କିନ୍ତୁ ସେମାନେ ଅସଂଗଠିତ ହୋଇଥିବା କାରଣରୁ ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ର ରାଜ୍ୟ ବା କେନ୍ଦ୍ର ସରକାରଙ୍କ ସେତେଟା ଦୃଷ୍ଟି ଆକର୍ଷଣ କରି ପାରୁନାହିଁ । କାରିଗର ଓ ବୁଣାକାରଙ୍କ ଏକତା ସମୟର ଆବଶ୍ୟକତା ଅଟେ । ସେମାନ ସଂଘବଦ୍ଧ ହୋଇ ପରସ୍ପରକୁ ସହଯୋଗ କରିବା ସହ ନିଜର ଦାବୀ ଉତଥାପନ କରିପାରିଲେ ଏକ୍ଷେତ୍ରର ଅନେକ ମୌଳିକ ସମସ୍ୟାର ସମାଧାନ ହୋଇପାରିବ । କଂଚ୍ଚାମାଲ ସମସ୍ୟା ଠାରୁ ଆରମ୍ଭ କରି ଉତ୍ପାଦନ ଏବଂ ବିକ୍ରୟ ସମସ୍ୟା ଆଦି ରେ ଛଟପଟ ହେଉଥିବା ଏହି ଶିଳ୍ପୀ ଜାତି ବିକାଶର ଧାରାରେ ସାମିଲ ହେଇ ପାରିବ ବୋଲି ଓଡିଶା ଶିଳ୍ପୀ ମହାସଂଘର ରାଜ୍ୟ ସଂପାଦକ ପ୍ରିୟରଂଜନ କର କହିଛନ୍ତି । ଅନୁଗୋଳର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ପରିସରରେ ଆୟୋଜିତ ହସ୍ତତନ୍ତ ଓ ହସ୍ତଶିଳ୍ପ ସଚେତନତା ଶିବିରର ବକ୍ତା ଭାବେ ଯୋଗ ଦେଇ ଶ୍ରୀ କର ନିଜ ସମସ୍ତ ବକ୍ତବ୍ୟରେ କାରିଗର ଓ ବୁଣାକାର ଏକତା ଉପରେ ଜୋର ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥୀ ଭାବେ ଅନୁଗୋଳ ଜିଲ୍ଲା ପରିଷଦ ଅଧକ୍ଷା ବବିତା ପ୍ରଧାନ ନିଜ ବକ୍ତବ୍ୟରେ କାରିଗରମାନେ ତିଆରି କରୁଥିବା ଉତ୍ପାଦ ସବୁ ନିଜ ଘରମାନଙ୍କରେ ବ୍ୟବହାର କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଯାହାଫଳରେ ସେମାନଙ୍କ ଉତ୍ପାଦ ସବୁକୁ ଅନ୍ୟମାନେ କିଣିବା ପାଇଁ ଆଗ୍ରହ ହେବେ ଓ କାରିଗରଙ୍କ ଆର୍ଥିକ ବିକାଶ ହୋଇ ପାରିବ । ଏହି ସଚେତନତା ଶିବିରରେ ସମ୍ମାନିତ ଅତିଥୀ ଭାବେ ବୟନିକାର



ରାଜ୍ୟ ସଭାପତି ପ୍ରକାଶ ଚ୍ନ୍ଦ୍ର ମେହେର ନିଜ ବକ୍ତବ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୁଣାକାରଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ସଂପର୍କରେ ସୁଚ୍ନା ପ୍ରଦାନ କରିଥିଲେ । ମଂଚ୍ ଉପରେ ଅନ୍ୟତମ ଅତିଥୀ ଭାବେ ଏକତା ପରିଷଦ ଟ୍ରଷ୍ଟର ମୁଖ୍ୟ ସଂଧ୍ୟା ଦେବୀ, ନୂଆଦିଲ୍ଲୀର ସ୍ୱେଚ୍ଛାସେବୀ ସଂଗଠନ ଡିପିଏଫର କାର୍ଯ୍ୟକାରୀ ନିର୍ଦ୍ଦେଶକ ସନ୍ତୋଷ ସାମଲ, ଅମୀର ଖାନ ପ୍ରମୁଖ ଉପସ୍ଥିତ ଥିଲେ । ଦୀର୍ଘ ୧୩ ବର୍ଷ ଧରି ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟ କରି ଆସୁଥିବା ଓଡିଶା ଶିଳ୍ପୀ ମହାସଂଘ ଓ ନୂଆଦିଲ୍ଲୀର ସ୍ୱେଚ୍ଛାସେବୀ ସଂଗଠନ ଡିପିଏଫର ମିଳିତ ଆନୁକୂଲ୍ୟରେ ଏହି ହସ୍ତତନ୍ତ ଓ ହସ୍ତଶିଳ୍ପ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ଏହି ଅବସରରେ ଶିଳ୍ପୀ ମହାସଂଘର ଅନୁଗୋଳ ଜିଲ୍ଲା ଶାଖାର ମଧ ଶୁଭ ଉଦଘାଟନ କରା ଯାଇଥିଲା । ସେହିଭଳି ଭୂମିହୀନ କାରିଗରଙ୍କୁ ଘରଡିହ, ପିଲାଙ୍କୁ ଛାତ୍ରବୃତି ଓ ବିନା ସୁଧରେ ଋଣ , ଜୀବନ ବୀମା, ଭୁବନେଶ୍ୱରରେ ସାମୟିକ ରହଣୀ ପାଇଁ କାରିଗର ହଷ୍ଟେଲ ,କାରିଗର କଲ୍ୟାଣ ପାଣ୍ଠି, ଜାତୀୟ ରାଜପଥ କଡରେ କାରିଗର ହାଟ ଓ ନୂତନ ଶିଳ୍ପୀ ଗ୍ରାମ ଘୋଷଣା ଆଦି ପାଇଁ ଆଜିର ସମାବେଶରେ ଦାବୀ ଉତଥାପନ କରାଯାଇଥିଲା । ବୁଣାକାରଙ୍କୁ ରିହାତି ଦରରେ ଟସର , ସୂତା ଓ ରଂଗ ଏବଂ ରାଜ୍ୟର କାରିଗରଙ୍କୁ ସ୍ୱଳ୍ପ ମୂଲ୍ୟରେ କଂଚ୍ଚାମାଲ ଯୋଗାଇଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଥିଲା ।

ଅନୁଗୋଳ ଜିଲ୍ଲାର ପଓଲଲହଡା, ଅଠମଲ୍ଲିକ, ଛେଣ୍ଡିପଦା, ତାଳଚେର , ଅନୁଗୁଳ ପୌର ପରିଷଦ ସହ ବଇଣ୍ଡା, ଯରଡା, ଜରପଡା, ବଙ୍କାପଲସା,ବେଲାଦୁଲା,ଝାମ୍ପୁଲି ଆଦି ଗ୍ରାମରୁ କାରିଗର ଓ ବୁଣାକାର ଏହି କର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମ୍ମିଳନୀ କକ୍ଷ ପରିସରରେ ଟେରାକୋଟା ସାମଗ୍ରୀ ଓ ହସ୍ତତନ୍ତ ଶାଢୀର ଏକ ଛୋଟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା । ଶେଷରେ ଅନୁଗୋଳ ଜିଲ୍ଲା ଶାଖାର ଉପଦେଷ୍ଟା ସୁକାନ୍ତ କୁମାର ରଣା ଏହି କାର୍ଯକ୍ରମ ର ସଂ*ଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

ପରିଶେଷରେ ଓଡ଼ିଶା ଶିଳ୍ପୀ ମହାସଂଘର ସମ୍ପାଦକ ପ୍ରିୟରଞ୍ଜନ କର, ଦିଲ୍ଲୀରୁ ଆସିଥିବା ଡି. ପି. ଏଫ୍. ର ମୂଖ୍ୟ ନିର୍ଦ୍ଦେଶକ ସନ୍ତୋଷ କୁମାର ସାମଲ, ସୋସିଆଲ ଆକ୍ଟିଭିଷ୍ଟ ଅମିର ଖାନ ଏବଂ ଉପଦେଷ୍ଟା ସୁକାନ୍ତ କୁମାର ରଣା ଙ୍କ ସହିତ ଜରପଡା ଗ୍ରାମର ହସ୍ତଶିଳ୍ପୀ କାରିଗରଙ୍କ କର୍ମଶାଳା ପରିଭ୍ରମଣରେ ଯାଇଥିଲେ ।

# ଦୀପାବଳିରେ ପୋଡି ଯାଇଥିବା ରୋଗୀଙ୍କୁ ଚ଼ିକିତ୍ସା ପାଇଁ ପଣ୍ଡାର ମାଳି ସମାଜ ପକ୍ଷରୁ ଆର୍ଥିକ ସହାୟତା

ଧର୍ମଗଡ଼ : (ପି ଏନ):-କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ମାଇଭର ଗ୍ରାମ ଖୁଡୁପଡା ରେ ଗତ ଦୀପାବଳି ଦିନରେ ବାଣ ଫୁଟାଉଥିବା ବେଳେ ଅଘଟଣ ଘଟିଥିଲା । ଗ୍ରାମର ସୁଶାନ୍ତ ମାଝୀଙ୍କ ପୁଅ ହିତେଶ ମାଝୀ ବାଣ ଫୁଟାଉଥିବା ବେଳେ ବାଣ ଫୁଟି ମୁହଁ ଓ ହାତ ଜଳି ଯାଇଥିଲା । ପରିବାର ଲୋକେ ଚ଼ିକିତ୍ସା ପାଇଁ ଅନେକ ସରକାରୀ ଡାକ୍ତରଖାନା ନେଇଥିଲେ କିନ୍ତୁ ଭଲ ହୋଇ ନ ଥିବା ବେଳେ ଭୁବନେଶ୍ୱର ଡାକ୍ତରଖାନାକୁ ନେଇ ଭର୍ତି କରିଥିଲେ କିନ୍ତୁ ପରିବାରର ସୂଚ଼ନା ଅନୁସାରେ ଚ଼ିକିତ୍ସା ବାବଦକୁ ଆଉ ୨୫ ହଜାର ଟଙ୍କା ର ଆବଶ୍ୟକ ଥିବା ବେଳେ ଅର୍ଥ ଅଭାବ ରୁ ପରିବାର ଲୋକେ ଘରକୁ ପଳେଇ ଆସିଥିଲେ । ଉକ୍ତ ଚ଼ିକିତ୍ସା ପାଇଁ ଅର୍ଥ ବାଧକ ହେଉଥିଲା । ଉକ୍ତ ଘଟଣା ସମ୍ପର୍କରେ ପଣ୍ଡରା ମାଳି ସମାଜ କଳାହାଣ୍ଡି କୁ ଜଣେଇଲା ପରେ ସହଯୋଗ ର ହାତ ବଢ଼ାଇଲା ପଣ୍ଡରା ମାଳି ସମାଜର କର୍ମକର୍ତା । ପଣ୍ଡରା ମାଳି ସମାଜର କୁଳପତି ପ୍ରକାଶ ଚ଼ନ୍ଦ୍ର ନାଏକ, ଆଇନ



ପରାମର୍ଶ ଦାତା ଶ୍ରୀ ଦୁର୍ଗା ପ୍ରସାଦ ନାଏକ, ଜିଲ୍ଲା ସଭାପତି ଈଶ୍ୱର ପୁଝାରୀ, ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆଙ୍କ ସହିତ ସେଇ ଗ୍ରାମର ପଣ୍ଡରା ମାଳି ସମାଜ ବ୍ୟକ୍ତି ବିଶେଷ ପ୍ରମୁଖ ଉକ୍ତ ପୀଡିତ ପରିବାର ଘରକୁ ପହଂଚି ଉକ୍ତ ଚ଼ିକିତ୍ସା ପାଇଁ ୧୫ ହଜାର ଟଙ୍କା ଆର୍ଥିକ ସହଯୋଗ କରିଥିଲେ । ଏହି ଭଳିଆ ପଣ୍ଡରା ମାଳି ସମାଜ ର ସେବା କୁ ଅ*ଳ ରେ ସମସ୍ତେ ଭୁରି ଭୁରି ପ୍ରଶଂସା କରୁଛନ୍ତି ।

# ଲଘୁ ଜଙ୍ଗଲଜାତ ଦ୍ରବ୍ୟର ଆନ୍ତର୍ଜାତିକ ବଜାର ଆଦିବାସୀଙ୍କର ଅର୍ଥନୈତିକ ଅଭିବୃଦ୍ଧି ସହାୟକ ହେବ

ଭୁବନେଶ୍ୱର(ପି.ଏନ): ଲଘୁ ଜଙ୍ଗଲଜାତ ଦ୍ରବ୍ୟ ଶାଳମଞ୍ଜି, ଶାଳପତ୍ର, କେନ୍ଦୁପତ୍ର, ମହୁଆ, ରବର ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟର ଗୁଣାତ୍ମକ ବୃଦ୍ଧି ଓ ଆନ୍ତର୍ଜାତିକ ବଜାରର ସୁଯୋଗ ମିଳିଲେ ଆଦିବାସୀମାନେ ଉପଯୁକ୍ତ ମୂଲ୍ୟ ପାଇବେ ଏବଂ ତାଙ୍କର ଅର୍ଥନୈତିକ ଅଭିବୃଦ୍ଧି ହେବ । ଏଣୁ ଫରେଷ୍ଟ ଷ୍ଟୁଆର୍ଡ କାଉନ୍‌ସିଲ୍ ଜଙ୍ଗଲ ସାର୍ଟିଫିକେଟ କରିବା ସହିତ ଆଦିବାସୀ ଜନଜାତିଙ୍କର ଅଭିବୃଦ୍ଧି ପାଇଁ ଜଙ୍ଗଲଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପାଇବା ପାଇଁ ଆନ୍ତର୍ଜାତିକ ବଜାର ସୁଯୋଗ ସୃଷ୍ଟି କରିବା ଆବଶ୍ୟକ ବୋଲି ଗତ ତା. ୨୬/୧୦୨୦୨୫ ରିଖ ରୁ ଦକ୍ଷିଣ ଆମେରିକାର ପାନେମା ସହରରେ ଆରମ୍ଭ ହୋଇଥିବା ଫରେଷ୍ଟ ଷ୍ଟୁଆର୍ଡ କାଉନ୍‌ସିଲର ଆନ୍ତର୍ଜାତିକ ସାଧାରଣ ଅଧିବେଶନରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରୀୟ ମଜଦୁର କଂଗେଅସର ଉପସଭାପତି ରାମଚନ୍ଦ୍ର ଖୁଂଟିଆ କହିଛନ୍ତି । ଏହି ସମ୍ମିଳନୀ ୨୬ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଜଳବାୟୁ ପରିବର୍ତନ, ବିଶ୍ୱ ତାପମାତ୍ରା ବୃଦ୍ଧି, ଜଙ୍ଗଲିଆ ଓ ଜଙ୍ଗଲ ଶ୍ରମିକ ମାନଙ୍କ ସାମାଜିକ ସୁରକ୍ଷା, ୩୬୫ ଦିନ କର୍ମ ସଂସ୍ଥାନ, ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା, ବର୍ଷା ଜଙ୍ଗଲ ସୁରକ୍ଷା, ଅନୈତିକ, ଅବୈଧ ଗଛ କାଟିବା ଓ ଜଙ୍ଗଲ ନଷ୍ଟ କରିବାର ପ୍ରତିରୋଧ ତଥା ଲଘୁ ଜଙ୍ଗଲ ଜାତ ଦ୍ରବ୍ରଣ ଗୁଣାବତାବୃଦ୍ଧି ଓ ଜାତୀୟ ଆନ୍ତର୍ଜାତିକ ସ୍ତରରେ ବ୍ୟବସାୟ ସୁଯୋଗ ସୃଷ୍ଟି ଆଧିବସୀମାନଙ୍କର ଅର୍ଥନୈତିକ ବୃଦ୍ଧି କରିବା ପାଇଁ ୪୯ ଟି ପ୍ରସ୍ତାବ ଇଲୋକ୍‌ଟ୍ରନିକ୍ ଭୋଟ ମାଧ୍ୟମରେ ପାରିତ ହୋଇଥିଲା । ଏହି ସମ୍ମିଳନୀରେ ପ୍ରାୟ ୬୫ଟି ଦେଶରୁ ୬୦୦ ମାଲିକ, ଠିକାଦାର, ପରିବେଶବିତ୍, ସରକାରୀ ପ୍ରତିନିଧି ଓ ଶ୍ରମିକ ପ୍ରତିନିଧି ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ସୁବାସ ସ୍ୱାଇଁ ଓ ସତ୍ୟବ୍ରତ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଭାରତରୁ ସତ୍ୟବ୍ରତ ନାୟକ, ସୁବାସ ସ୍ୱାଇଁ, ରିଟାର୍ଡ୍ ଆଇ.ଏଫ୍.ଏସ୍., ପ୍ରତିଶ୍ ଭାରତ ଖୁଂଟିଆ କେ. ନାଲାମୁଥୁ, ପଓ୍ୱନ କୁମାର, ବିରେନ୍ଦ୍ର କୁମାର, ସେକ୍ ଅମଜ୍ଜାଦ ହାସନ, ନିରେନ୍ଦ୍ର କାର୍କେଟା, ଫ୍ରଫେସର ପ୍ରଦୀପ୍ତ ଭଟ୍ଟଚାର୍ଯ୍ୟା, କେ. ଭଟ୍ଟାଚାର୍ଯ୍ୟ, ରିଟାର୍ଡ ଆଇ.ଏଫ୍.ଏସ୍., ସୁନିଲ କୁମାର, ତାମିଲନାଡୁରୁ ପଓ୍ୱନକୁମାର, ନାଲାମୁଥୁ ତଥା ମନହରୋନ ଙ୍କ ସମେତ ୨୨ ଜଣ ପ୍ରତିନିଧି ଯୋଗ ଦେଇଛନ୍ତି । ଡ. ରାମଚନ୍ଦ୍ର ଖୁଂଟିଆଙ୍କ ନେତ୍ୱରେ ଏହି ପ୍ରତିନିଧି ମଣ୍ଡଳୀ ଏଫ.ଏସ୍.ସି.ର ଡାଇରେକ୍ଟ ଜେନେରା ସୁଭ୍ରା ଭଟ୍ଟାଚାର୍ଯ୍ୟାଙ୍କୁ ଭେଟି ବିଭିନ୍ନ ଦାବି ଉପସ୍ଥାପନାରେ ଆଲୋଚନା କରିଥିଲେ ।

# ଇନ୍ଦ୍ରାଣୀ ମୁଖାର୍ଜୀ ଏଂଟରପ୍ରାଇଜ ଦ୍ୱାରା ଟାଗୋରଙ୍କ ଚିତ୍ରାଙ୍ଗଦା- ଏକ୍ ସଶକ୍ତ ନାରୀ' ଉପସ୍ଥାପିତ

ଭୁବନେଶ୍ୱର,(ପି.ଏନ): ଇନ୍ଦ୍ରାଣୀ ମୁଖାର୍ଜୀ ଏଂଟରପ୍ରାଇଜ (ଆଇଏମଇ) ପକ୍ଷରୁ ଗତ ଅକ୍ଟୋବର ୨୫ ତାରିଖରେ ମୁମ୍ବାଇର ବାନ୍ଦ୍ରାସ୍ଥିତ ଆଷ୍ଟ୍ରୁସ ଅଡିଟୋରିୟମଠାରେ 'ଚିତ୍ରାଙ୍ଗଦା- ଏକ୍ ସଶକ୍ତ ନାରୀ'ର ବହୁପ୍ରତିକ୍ଷୀତ ପ୍ରତ୍ୟାବର୍ତନକୁ ଉପସ୍ଥାପନ କରାଯାଇଥିଲା ଯାହା ରବିନ୍ଦ୍ରନାଥ ଟାଗୋରଙ୍କ କାଳଜୟୀ କୃତିର ଏକ ଗୌରବମୟ ନାଟ୍ୟ ରୂପାନ୍ତର ଅଟେ । ଏହି ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା । ଏହା ଆଧୁନିକ ଭାରତୀୟ ଥିଏଟର କ୍ଷେତ୍ରରେ ଅନ୍ୟତମ ପ୍ରତିଷ୍ଠିତ ସ୍ୱର ଭାବେ ଆଇଏମଇର ସ୍ଥିତିକୁ ମଜବୁତ କରିଛି । ଏହି ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଇନ୍ଦ୍ରାଣୀ ମୁଖାର୍ଜୀ ଯିଏକି ଟାଗୋରଙ୍କର ଯୋଦ୍ଧା ରାଜକୁମାରୀର ଚରିତ୍ର ଚିତ୍ରଣ କରିଥିଲେ, ଏହା ଦର୍ଶକଙ୍କ ହୃଦୟ ଜିତିଥିଲା । ତାଙ୍କର ପ୍ରଦର୍ଶନ ଏହି ଚରିତ୍ରର ଶକ୍ତି ଓ କୋମଳତା ମଧ୍ୟରେ ରହିଥିବା ଅନ୍ତର୍ନିହିତ ସଂଘର୍ଷକୁ ଆଲୋକିତ କରିଥିଲା, ଯାହା ମୁମ୍ବାଇର ଉତ୍ସାହୀ ଦର୍ଶକଙ୍କଠାରୁ ଚିରସ୍ଥାୟୀ ପ୍ରଶଂସା ଅର୍ଜନ କରିଥିଲା । ଆଇଏମଇ ପକ୍ଷରୁ ସୁବ୍ରତ ପଣ୍ଡାଙ୍କୁ ଅର୍ଜୁନ ଭାବେ ଉପସ୍ଥାପନ କରାଯାଇଥିଲା ଯିଏକି ଓଡିଶାର ଜଣେ ଯୁବ ଉଦୀୟମାନ




କଳାକାର ଅଟନ୍ତି । ତାଙ୍କର ନୀରବ ଶକ୍ତି ଓ ଭାବନାତ୍ମକ ସଂଯମ ଅର୍ଜୁନ ଚରିତ୍ରକୁ ଏକ ନୂଆ ଦିଗ ପ୍ରଦାନ କରିଥିଲା , ଯାହା ମଂଚରେ ମୁଖାର୍ଜୀଙ୍କ ପ୍ରଶଂସନୀୟ ଉପସ୍ଥିତିକୁ ପରିପୂର୍ଣ୍ଣ କରିଥିଲା । ଟୋନି ଓ ମଧୁମିତା ଚକ୍ରବର୍ତୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ପୁନର୍ଜୀବନ ଆଧୁନିକ ନୃତ୍ୟ ନିର୍ଦ୍ଦେଶନା ସହ ଟାଗୋରଙ୍କ କାବ୍ୟିକ ସଂରଚନା, ଉଜ୍ଜଳିତ ଆଲୋକ ଓ ଶାନ୍ତନୁ ଭଟ୍ଟାଚାର୍ଯ୍ୟଙ୍କ ମୂଳ ସଙ୍ଗୀତରେ ଭରି ରହିଥିଲା । ଏହାର ଫଳାଫଳ ଦୃଶ୍ୟାତ୍ମକ ଭାବେ ସମୃଦ୍ଧ ଓ ଭାବନାତ୍ମକ ଭାବେ ପ୍ରତିଧ୍ୱନିତ୍ୱ ପ୍ରଦର୍ଶନ ଥିଲା । ଏସମ୍ପର୍କରେ ଆଇଏମଇର ପ୍ରତିଷ୍ଠାତା ଓ ସିଇଓ ଇନ୍ଦ୍ରାଣୀ ମୁଖାର୍ଜୀ କହିଛନ୍ତି, 'ଚିତ୍ରାଙ୍ଗଦା ପ୍ରତ୍ୟେକ କାହାଣୀ ସହ ବିକଶିତ ହେବା ଜାରି ରଖିଛି । ଏହାର ମଂଚରେ ଉପସ୍ଥାପନ ପିଢିଗୁଡିକୁ ସଂଯୋଗ କରୁଥିବା ଟାଗୋରଙ୍କ ନାରୀତ୍ୱ ଓ କଳାର ସତ୍ୟକୁ ଅନ୍ୱେଷଣ କରିବାର ଆମର ବର୍ତମାନର ଯାତ୍ରାକୁ ପ୍ରତିଫଳନ କରୁଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray